ଗ୍ରୀଷ୍ମ ରତୁ । କୃଷ୍ଣପକ୍ଷର ଘନ ଅନ୍ଧକାର । ସେ ଦିନ ଏକାଦଶୀ ତିଥି ମଙ୍ଗବାର । ଆକାଶ ଓ ପୃଥିବୀର ଘନକାଳିମାକୁ ଘୁଞ୍ଚାଇ ଦେଇ ଉଜ୍ଜ୍ୱଳ ଜ୍ୟୋତିଷ୍କରୂପେ ଜନ୍ମଲାଭ କଲେ ‘ଉତ୍କଳ ଗୌରବ ମଧୁସୂଧନ’ । ସେଦିନ ଥାଏ ୧୮୪୮ ମସିହା ଅପ୍ରେଲ ମାସ ୨୮ ତାରିଖ । କଟକ ଜିଲ୍ଲାର ସାଲେପୁର ଥାନାରେ ସତ୍ୟଭାମାପୁର ନାମକ ଏକ ଗ୍ରାମର ଉଚ୍ଚ ଖଣ୍ଡାୟତ ଚୌଧୁରୀ ରଘୁନାଥ ଦାସଙ୍କୁ ଉଣା ଅଧିକେ ପାକଆଖ ଧଶଖଣ୍ଡି ମୌଜାର ଲୋକେ ଜାଣନ୍ତି । ଏହାଙ୍କର ପୂର୍ବପୁରୁଷମାନେ ଖୋର୍ଦ୍ଧାର ପ୍ରସିଦ୍ଧ ଖଣ୍ଡାୟତ ବଂଶରୁ ଏଠାକୁ ଉଠି ଆସିଥିଲେ । ତାଙ୍କ ସ୍ତ୍ରୀଙ୍କର ନାମ ପାର୍ବତୀ ଦେବୀ ।

ଚୌଧୁରୀ ରଘୁନାଥ ଦାସ ଅତି ଭଲ ମଣିଷ ଥିଲେ । ତାଙ୍କ ସ୍ତ୍ରୀ ପାର୍ବତୀ ଦେବୀ ଅତି ସୁନ୍ଦରୀ ଓ ଗୁଣବତୀ ତଥା ପତିପରାୟଣା ଥିଲେ । ରଘୁନାଥ ଦାସ ସେ କାଳରେ ଆଇନ ବ୍ୟବସାୟୀ । ସେମାନେ ଦାନ ପୁଣ୍ୟ କରି ଶେଷକୁ ବଡ ଦରିଦ୍ର ହୋଏ ଯାଏଥିଲେ । ନିଜର ସାମାନ୍ୟ ରୋଜଗାର ଓ ପାର୍ବତୀ ଦେବୀଙ୍କ ଆଚାର ବ୍ୟବହାରରେ ତାଙ୍କ ପରିବାରଟି ସୁରୁଖୁରୁରେ ଚଳିଯାଉଥିଲା ।

ମଧୁସୂଦନଙ୍କୁ ପାଇ ବାପାମାଆଙ୍କ ମନ ଆନନ୍ଦରେ ନାଚି ଉଠିଲା । ବାପା ମାଙ୍କ କୋଳରେ ଶୁକ୍ଳପକ୍ଷର ଚାନ୍ଦପରି ଅତି ଅଲିଅଳରେ ମଧୁସୂଦନ ବଢିବାକୁ ଲାଗିଲେ । ତାଙ୍କର ଶିଶୁ ଶୁକୁମାର ରୂପ ସମସ୍ତଙ୍କ ମନରେ ଆନନ୍ଦ ଦେଲା । ଶିଶୁର ନାମ ରଖିଲେ ଗୋବିନ୍ଦବଲ୍ଲଭ । ସେ ସମସ୍ତେ “ମଧୁ” ବୋଲି ଡାକୁଥିଲେ ।

## ମଧୁସୂଧନଙ୍କ ପିଲାଦିନ

ଚାନ୍ଦ ଉଠିଲା ପରି ମଧୁସୂଧନ ଧିରେ ଧିରେ ବଢୁଥାଏ । ଚାରି ବର୍ଷ ପୂରି ପାଞ୍ଚ ବର୍ଷ ହେଲା । ପାଠ ପଢିବାକୁ ତାଙ୍କ ବାପା ମଧୁସୂଧନଙ୍କୁ ଚାହାଳିକୁ ପଠାଇଲେ । ଚାହାଳିରେ “ମାଗୁଣି” ଅବଧାନ ବିଦ୍ୟାଶିକ୍ଷା ଆରମ୍ଭ କଲେ ।

ମାଗୁଣି ମାତିବଂଶ ଅବଧାନ । ତାଙ୍କୁ ଖଡିପାଠ ଭଲ ଜଣା । ସେ ଅଳ୍ପ କିଛି ଦିନ ଭିତରେ ମଧୁସୂଧନଙ୍କୁ ସତର ଫଳା ଶିଖାଇ ଖଡିପାଠ ଶିଖେଇବା ଆରମ୍ଭ କରିଦେଲେ । ମଧୁସୂଧନଙ୍କର

orissatimes.net

ମନେରଖିବା ଶକ୍ତି ଅତି ପ୍ରବଳ ଥିଲା । ସେ ଅଳ୍ପଦିନ ମଧ୍ୟରେ ହର , ଗୁଣ, ଫେଡ, ମିଶା, ପଣିକିଆ ଏମିତି ଯେତେ ଖଡିପାଠ ସବୁ ଶିଖିଗଲେ ।

ପିଲାଦିନରୁ ଅବଧାନେ ମଧୁସୂଧନଙ୍କ ବୁଦ୍ଧି ଆଉ ସ୍ମରଣ ଶକ୍ତି ଦେଖି ତାଟକା ହୋଇଯାଇଥିଲେ । ସେ ବେଳେ ବେଳେ ତାଙ୍କ ବାପାଙ୍କୁ କହନ୍ତି "ଆଜ୍ଞା, ଆପଣଙ୍କ ମଧୁଟି ଭାରି ବୁଦ୍ଧିମାନ । ସେ ମୋ ଚାହାଳିର ରତ୍ନଟିଏ । ଠାକୁରଙ୍କ ଆଶୀର୍ବାଦରୁ ସେ ଖୁବ ନାଁ କରିବ ।"

ଅବଧାନେ ମଧୁସୂଧନଙ୍କୁ ଭାରି ଭଲ ପାଆନ୍ତି । ମଧୁସୂଦନ ବି ଅବଧାନଙ୍କୁ ଖୁବ୍ ଭକ୍ତି କରନ୍ତି । ତାଙ୍କ ପାଦ ଧୂଳି ମୁଣ୍ଡରେ ବୋଳନ୍ତି ।

ଚୌଧୁରୀ ରଘୁନାଥ ଦାସ ଅବଧାନଙ୍କ କଥା ଶୁଣି ହସି ଦିଅନ୍ତି । ପୁଅର ଗୁଣ ଶୁଣି ମନେ ମନେ କେତେ ଖୁସି ହୁଅନ୍ତି । ନିଜ ସ୍ତ୍ରୀ ଆଗରେ ଅବଧାନଙ୍କ କଥା କହନ୍ତି । ପାର୍ବତୀ ଦେବୀ ସ୍ୱାମୀଙ୍କ ଠାରୁ ଶୁଣି ଦିଅଁଙ୍କ ପାଖରେ ପୁଅପାଇଁ କେତେ ଶୁଭ ମନାସନ୍ତି । କେତେ ଉପାସ ବ୍ରତ କରନ୍ତି । ପୁଅ ପାଖକୁ ଡାକି କେତେ ଭଲ ଉପଦେଶ ଦିଅନ୍ତି ।

ସେ ପୁଅକୁ ସ୍ନେହରେ କୋଳରେ ବସାଇ କହନ୍ତି , "ଧନରେ , ଯେଉଁ ଲୋକ ପାଠ ପଢି ଦେଶ ଓ ଦଶର ମଙ୍ଗଳ କାମ କରେ , ତାକୁ ଲୋକେ ଧନ୍ୟ ଧନ୍ୟ କହନ୍ତି । ଯେଉଁ ଲୋକ ନିଜର ମହତପଣି।।ରେ ଜାତିର ଓ ଦେଶର ଟେକ ବଢାଏ , ତାକୁ ଲୋକ ସବୁଦିନପାଇଁ ମନେ ମନେ ଭାବୁଥାନ୍ତି ।"

ମଧୁସୂଦନ ମା ଙ୍କର ଏ କଥାଗୁଡିକ ହୃଦୟ ମଧ୍ୟରେ ଗାର କରି ମନେ ରଖନ୍ତି । ତାଙ୍କର କୋମଳ ପ୍ରାଣ ମା ଙ୍କର ବାକ୍ୟେ ଉଲୁସି ଉଠେ । ତାଙ୍କର ବୁକୁ ଭିତରେ ଏକ ଅଜଣା ଆନନ୍ଦର ଢେଉ ଖେଳିଯାଏ ।

ସଞ୍ଜ ହେଲେ ଅନଧାନେ ମଧୁସୂଧନଙ୍କୁ ସାଙ୍ଗରେଧରି ଚାହାଳୀ ଘରେ ପହଞ୍ଚନ୍ତି । ଚାହାଳିର ଛୋଟ ଘର ଖଣ୍ଡି ସଞ୍ଜଦୀପର ଆଲୋକରେ ଉଜ୍ଜଳର ହୋଇଉଠେ । ବଡ ଚାଟ ହୋଇ ମଧୁସୂଧନ ଆଗ ଗାଆନ୍ତି :-

orissatimes.net

**“ଦୀପଂ ଜ୍ୟୋତିଃ ପରବ୍ରହ୍ମ,**

**ଦୀପଂ ଜ୍ୟୋତିଃ ଜନାର୍ଦ୍ଦନ ।**

**ଦୀପଂ ଜ୍ୟୋତିଃ ହରେତ୍ ପାପଂ**

**ସନ୍ଧ୍ୟାଦୀପଂ ନମୋସ୍ତୁଽତେ”**

ଏମିତି କେତେ ଶ୍ଳୋକ ପଢାଯାଏ । ଗୋପୀଭାଷା , ଦଶ ଅବତାର, କଳା କଳେବର ଓ ଭାଗବତ ଆଦି ଗୀତ ବୋଲାଯାଏ ।

ତାପରେ ଅବଧାନେ କେତେ ପ୍ରକାର ହିସାବ ପଚାରି ଚାଟମାନଙ୍କ ବୁଦ୍ଧି ପରୀକ୍ଷା କରନ୍ତି । ସବୁଥିରେ ମଧୁସୂଧନ ପ୍ରଥମ ହୁଅନ୍ତି । ତାଙ୍କୁ ବଳି ଆଉ କେହି ଯାଇ ପାରନ୍ତି ନାହିଁ ।

ଅବଧାନଙ୍କ ପାଖେ ଏହି ରୀତିରେ ମଧୁସୂଧନ ଚାହାଳି ପାଠ ପଢିଲେ । ପାଞ୍ଚ ଛଅ ବରଷ ମଧ୍ୟରେ ଚାହାଳିର ସମସ୍ତ ପାଠ ଶେଷ କରିଦେଲେ । ତାଙ୍କୁ କୌଣସି ପାଠ ଅଜଣା ରହିଲା ନାହିଁ ।

## କଟକ କଲେଜିଏଟ ସ୍କୁଲରେ ମଧୁସୂଦନ

ରଘୁନାଥ ଦାସ ପୁଅକୁ ସାଙ୍ଗରେ ଘେନି କଟକ ଆସିଲେ । ସେତେ ବେଳକୁ ମଧୁସୂଦନଙ୍କୁ ତେର ବର୍ଷ । ରଘୁନାଥ ପୁଅକୁ ଇଂରାଜୀ ପଢାଇବା ପାଇଁ ସ୍ଥିର କଲେ । କଟକ ସରକାରୀ କଲେଜିଏଟ୍ ସ୍କୁଲରେ ପୁଅର ନାମ ଲେଖାଇ ଦେଲେ ।

ସେତେବେଳେ ଖୁବ୍ କମ ଓଡିଆ ପିଲା ଇଂରାଜୀ ପଢୁ ଥିଲେ । ବଙ୍ଗାଳୀ ଶିକ୍ଷକ ଓ ବଙ୍ଗାଳୀ ପିଲାଙ୍କ ଦ୍ୱାରା ସ୍କୁଲ୍ ପୂର୍ଣ୍ଣ ଥିଲା । ସେମାନେ ଓଡିଆ ପିଲାଙ୍କୁ ଭଲ ପାଉନଥିଲେ । ତାଙ୍କର ଦେଶ ପୋଷାକକୁ ଘୃଣା କରୁଥିଲେ । ମଧୁସୂଦନ ମୁଣ୍ଡରେ ପିଲାଦିନେ ବେଶି ବାଳ ରଖିଥିଲେ । ତାଙ୍କୁ ଦେଖୀ ବଙ୍ଗାଳୀ ପିଲାମାନେ ଥଟ୍ଟା କଲେ । ମଧୁସୂଦନଙ୍କ ମନରେ ଭାରି ରାଗ ଓ କଷ୍ଟ ହେଲା ।

orissatimes.net

ମାତ୍ର ସେ ନୀରବରେ ସବୁ ସହିଗଲେ । ମଧୁସୂଦନ ପିଲାଟି ଦିନୁ ବଡ ସାହସୀ ଓ ସତ୍ୟବାଦୀ ଥିଲେ । ସେ ଅନ୍ୟାୟ ଦେଖିଲେ ସହିପାରୁ ନଥିଲେ । ମଧୁସୂଦନଙ୍କର ବୁଦ୍ଧି ଅତି ବିଚକ୍ଷଣ ଥିଲା ।

ସେ ସ୍କୁଲରେ ନାମ ଲେଖାଇ ପାଠ ପଢା ଆରମ୍ଭ କଲେ । ଅଳ୍ପ କେତେଦିନ ମଧ୍ୟରେ ସବୁ ଛାତ୍ରଙ୍କ ମଧ୍ୟରେ ତାଙ୍କର ସୁଗୁଣ ଫୁଟି ଉଠିଲା । ଯେମିତି ଫୁଲର ସୁବାସ ଛପି ନ ରହି ଚାରିଆଡେବିତରି ଯାଏ । ସେହିପରି ମଧୁସୂଦନଙ୍କ ସୁଗୁଣ କାହାରିକୁ ଅଜଣା ରହିଲା ନାହିଁ । ଜଣେ ଓଡିଆ ପିଲାର ଏପରି ବୁଦ୍ଧି ଓ ବିଚକ୍ଷଣତା ଦେଖି ବଙ୍ଗାଳୀ ପିଲାମାନଙ୍କ ମନର ଦମ୍ଭ ବଢିଗଲା । ସମସ୍ତେ ମଧୁସୂଦନଙ୍କୁ ଅତି ଭଲ ପାଇଲେ । କି ଶିକ୍ଷକ କି ଛାତ୍ର ସବୁରି ମୁହଁରେ ମଧୁସୂଦନଙ୍କ ପ୍ରଶଂସା ଶୁଣାଗଲା ।

ମଧୁସୂଦନ ପ୍ରତି ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି ଉତ୍ତିର୍ଣ୍ଣ ହେଲେ । ସେ କାହାରି ଅନ୍ୟାୟ ଦେଖିଲେ ନାନା ଯୁକ୍ତିତର୍କ କରି ତାକୁ ଉପଯୁକ୍ତ ଶିକ୍ଷା ଦେଉଥିଲେ । ଓଡିଆ ପ୍ରତି କେହି ଅସମ୍ମାନ ଦେଖାଇ କଥା କହିଲେ ତାଙ୍କର ରକ୍ତ ତାତି ଉଠୁଥିଲା । ସେ ସାରା ଉତ୍କଳକୁ 'ମା ଜନ୍ମଭୂମି' ଡାକି ସବୁବେଳେ ମାତୃ ସ୍ନେହରେ ମତୁଆଲା ହୋଇ ଯାଉଥିଲେ । ଉତ୍କଳର ଅପମାନ ତାଙ୍କର ଛାତିକୁ କଷ୍ଟ ଦେଉଥିଲା । ସେ ପଢିବାବେଳୁ ହିଁ ବୀର ଓଡିଆ ବାଳକ ବୋଲି ଜଣା ପଡିଥିଲେ । ଭବିଷ୍ୟତରେ ସେ ଯେ ଉତ୍କଳର ରତ୍ନପ୍ରଦୀପ ହେବେ ଏହି ସମୟରୁ ସେ କଥା ଜଣା ପଡିଥିଲା ।

ଏହିପରି ଭାବରେ ତାଙ୍କର ସ୍କୁଲର ପାଠପଢା ଶେଷ ହେ । ତାଙ୍କୁ ଷୋଳବର୍ଷ ବୟସ ବେଳେ ସେ ୧୮୬୪ ମସିହାରେ ଏଣ୍ଟ୍ରାନ୍ସ ପରୀକ୍ଷା ଦେଇ ପାସ୍ କଲେ ।

ମଧୁସୂଦନଙ୍କ ପାଠ ପଢାରେ ଭାରି ମନ । ସେ ଏତିକିରେ ସନ୍ତୁଷ୍ଟ ହୋଇ ରହିପାରିଲେ ନାହିଁ । କେମିତି ଆଉ ଅଧିକ ପଢିବେ, ସେଥିପାଇଁ ତାଙ୍କ ମନ ଭାରି ବ୍ୟାକୁଳ ହେଲା ।

ସେତେବେଳେ ଓଡିଶାରେ କଲେଜ ବସି ନଥିଲା । ଅଧିକ ପାଠ ପଢିବାକୁ ହେଲେ ଦୂର ବିଦେଶ କଲିକତାକୁ ଯିବାକୁ ପଡୁଥିଲା । ସେ ପୁଣି ଗହନ କଥା । ସେତେବେଳେ ରେଳ ମୋଟର କିଛି ନାହିଁ । ଚାଲି ଚାଲି ଯିବାକୁ ପଡୁଥିଲା । ବାଟରେ କେତେ ବଣ ଜଙ୍ଗଲ, ନଈ, ପର୍ବତ । ତାହା ପୁଣି ବିପଦ

ସଙ୍କୁଳ । ଚୋର ଡାକୟତଙ୍କ ଭୟ ବାଟ ଯାକ ପୂରି ରହିଥିଲା । ସେତେବେଳେ ଦୂର ବିଦେଶକୁ ଯିବାକୁ ହେଲେ ଜୀବନକୁ ପାଣି ଛଡେଇ ଯିବାକୁ ପଡୁଥିଲା ।

ଏସବୁ କଥା ଜାଣି ମଧ୍ୟ ମଧୁସୂଦନ କଲିକତାକୁ ପାଠ ପଢିବାପାଇଁ ଯିବାକୁ ବ୍ୟାକୁଳ ହୋଇ ପଡିଲେ । ଉଚ୍ଚ ଶିକ୍ଷାର ସ୍ୱପ୍ନ ତାଙ୍କୁ ସବୁବେଳେ ବାୟା କଲା ।

## ବାଲେଶ୍ୱର ସ୍କୁଲରେ ଶିକ୍ଷକ ଭାବରେ ମଧୁସୂଦନ

କଲିକତା ଜିବା ସହଜ ନୁହେଁ । ସେଠାକୁ ଗଲେ ଟଙ୍କା ଦରକାର । ବାପା ତ ଗରିବ ଲୋକ । ନିଜ କୁଟୁମ୍ବ ଚଳାଇବା ତାଙ୍କୁ କଠିକର ପାଠ । ସେ ଟଙ୍କା ଦେବେ କୁଆଡୁ ?

ମଧୁସୂଦନ ବାପାଙ୍କଠାରୁ ଅନୁମତି ନେଇ ବାଲେଶ୍ୱର ଗଲେ । କିଛି ଟଙ୍କା ସଂଗ୍ରହ କରିବାପାଇଁ ବାଲେଶ୍ୱରରେ ପହଞ୍ଚି ମଧୁସୂଦନ ପ୍ରଥମେ ସ୍କୁଲରେ ଶିକ୍ଷକ ଚାକିରି କଲେ । ସେଠାରେ ଦୁଇ ବର୍ଷ ଚାକିରି କରି କିଛ ଟଙ୍କା ସଂଗ୍ରହ କଲେ । ଏମିତି ଦୁଇ ବର୍ଷ ବିତିଗଲା ।

## ମଧୁସୂଦନଙ୍କ କଲିକତା ଗମନ

ଚାକିରି କରିବାକୁ ତାଙ୍କର ଇଚ୍ଛା ନଥିଲା ସେଥିପାଇଁ ସେ ଚାକିରି ଛାଡି କଲିକତା ବାହାରିଲେ । ବାଲେଶ୍ୱରରେ ମଧୁସୂଦନ ଏହି ଦୁଇ ବର୍ଷ ମଧ୍ୟରେ ସମସ୍ତଙ୍କର ଅତି ପ୍ରିୟ ହୋଇଯାଇଥିଲେ । ଫକୀରମୋହନ ସେନାପତିଙ୍କ ସହିତ ତାଙ୍କର ଏହିଠାରେ ପରିଚୟ ହୋଚଯାଇଥିଲା । ଫକୀରମୋହନ ମଧୁସୂଦନଙ୍କର ଉଚ୍ଚ ଆଶା , ସ୍ୱାଧୀନ ମନୋଭାବ ଓ ମଧୁର ବ୍ୟବହାରରେ ତାଙ୍କ ପ୍ରତି ସନ୍ତୁଷ୍ଟ ହୋଇଥିଲେ । ସେ ମଧୁସୂଦନଙ୍କର ମଙ୍ଗଳ କାମନା କରି ତାଙ୍କୁ କଲିକତା ବିଦାୟ ଦେଇଥିଲେ ।

ମଧୁସୂଦନ ଯେଉଁ ବର୍ଷ କଲିକତା ପଢିବାକୁ ଗଲେ , ସେହି ବର୍ଷ ଓଡିଶାରେ ନଅଙ୍କ ଦୁର୍ଭିକ୍ଷରେ ଓଡିଶାରେ ବହୁତ ଲୋକ ଅନ୍ନ ବିନା ପୋକମାଛିପରି ମରୁଥିଲେ ।

orissatimes.net

ମଧୁସୂଦନ ବହୁ କଷ୍ଟରେ ଚାଲି ଚାଲି କଲିକତାରେ ପହଞ୍ଚିଲେ । ସେ ପର୍ଯ୍ୟନ୍ତ କୌଣସି ଓଡିଆ ଛାତ୍ର କଲିକତାକୁ ପଢିବାକୁ ଯାଇ ନଥିଲେ । ମଧୁସୂଦନ ପ୍ରଥମ ଓଡିଆ ଛାତ୍ର ହୋଇ କଲିକତା କଲେଜରେ ନାମ ଲେଖାଇଲେ ।

## କଲିକତାରେ ମଧୁସୂଦନ

କଲିକତାରେ ମଧୁବାବୁ ବହୁ ଦୁଃଖ କଷ୍ଟରେ ଦିନ କାଟିବାକୁ ଲାଗିଲେ । କେତୋଟି ଦିନ ଭିତରେ ରଖିଥିବା ଅର୍ଥ ଶେଷ ହୋଇଗଲା । କଅଣ କରିବେ ତାଙ୍କୁ ବୁଦ୍ଧି ଦିଶିଲା ନାହିଁ । ପଇସା ଅଭାବରୁ ବେଳେ ବେଳେ ତାଙ୍କୁ ଉପାସ ରହିବାକୁ ପଡୁଥିଲା । ମାତ୍ର ପଢା ପ୍ରତି ତାଙ୍କର ମନ ଦୃଢ ଥିଲା ।

ସେ ରାତିରେ ରାସ୍ତା ଆଲୁଅ ପାଖରେ ଠିଆ ହୋଇ ପାଠ ପଢୁଥିଲେ । ତାପରେ ସେ କଲିକତାରେ ଏଠି ସେଠି ବୁଲି ବୁଲି ପିଲାଙ୍କୁ ପାଠ ପଢାଇ ଟଙ୍କା ଉପାର୍ଜ ନ କଲେ । ଖ୍ରିଷ୍ଟିଆନ ଧର୍ମସଭା ତାଙ୍କୁ ମାସିକ ଆଠ ଟଙ୍କା ଲେଖାଏଁ ସାହାଯ୍ୟ କରୁଥିଲା । ଏହିପରି ଭାବରେ ମଧୁସୂଦନ ଦୁଇ ବର୍ଷକାଳ ପଢି ଏଫ୍.ଏ. ପାସ କଲେ ।

ଏହି ସମୟରେ ଖ୍ରିଷ୍ଟିଆନ ଧର୍ମର ପୁରୋହିତମାନେ କଲିକତାରେ ଖ୍ରୀଷ୍ଟଧର୍ମ ପ୍ରଚାର କରୁଥାନ୍ତି । ବହୁ ବଙ୍ଗାଳୀ ମୁସଲମାନ ଯୁବକ ତାଙ୍କ ପ୍ରଚାର ଫଳରେ ଖ୍ରୀଷ୍ଟିୟାନ୍ ଧର୍ମ ଗ୍ରହଣ କାରୁଥାଆନ୍ତି । ସେମାନଙ୍କ କଥାରେ ପଡି ଢମଧୁସୂଦନ ମଧ ଖ୍ରୀଷ୍ଟଧର୍ମ ଗ୍ରହଣ କରି କଲିକତାରେ ଖ୍ରୀଷ୍ଟିୟାନ୍ ହେଲେ ।

ଏହାପରେ ମଧୁସୂଦନ କଲିକତାରେ ବି.ଏ. ପଢି ପାସ୍ କଲେ । ଏହି ସମୟରେ ଓଡିଆ ଛାତ୍ରମାନଙ୍କୁ ସଂସ୍କୃତ ପ୍ରଶ୍ନର ଉତ୍ତର ନିଜ ମାତୃବଭାଷା ଓଡିଆରେ ନ ଲେଖି ବଙ୍ଗଳାରେ ଲେଖିବାକୁ ପଡୁଥିଲା । ମଧୁସୂଦନ ଏହାର ଘୋର ପ୍ରତିବାଦ କରି ଜୟୀ ହେଲେ । ଫଳରେ ଓଡିଆ ଛାତ୍ରମାନେ ଓଡିଆ ଭାଷାରେ ଉତ୍ତର ଲେଖି ପରିବେ ବୋଲି ବିଶ୍ୱବିଦ୍ୟାଳୟର ନିୟମ ହେଲା ।

orissatimes.net

ଉଧୁସୂଦନ ବି.ଏ. ପାସ୍ କରି କଲିକତାରେ କିଛିଦିନ ଶିକ୍ଷକତା କଲେ । ତା'ପରେ ଏମ୍.ଏ ଓ ଆଇନ୍ ପରୀକ୍ଷାରେ ପାସ୍ କରି ଏମ.ଏ. , ବି.ଏଲ୍. ହେଲେ । ସେହି ଦିନରୁ ସେ କଲିକତା ଅଦାଲତରେ ପ୍ରଥମ ଓଡିଆ ଓକିଲ ହୋଇ ଓକିଲାତି କଲେ ।

ଗ୍ରୀଷ୍ମ ଯାଇ ବର୍ଷା ଆସେ । ପୂର୍ଣ୍ଣିମାର ଆଲୋକ ପରେ ଅମାବାସ୍ୟାର ଘନ ଅନ୍ଧାର ଆସେ । ସୁଖ ପରେ ଦୁଃଖ ଏବଂ ଦୁଃଖ ପରେ ସୁଖ ଆସେ । ଏ ତ ସଂସାରର ନିୟମ । ସଂସାରରେ ସବୁ କଥା ଏମିତି । ସବୁ ବଦଳେ । ସବୁଦିନ ଓ ମାନରେ ଯାଏ ନାହିଁ । ମଧୁସୂଦନଙ୍କ ବୁଦ୍ଧି ଓ ବିଚକ୍ଷଣତାରେ ସାରା ବଙ୍ଗଳା ଦେଶ ଚମକି ପଡିଲା । ଜଣେ ଓଡିଆର ଏପରି ଉଜ୍ଜ୍ୱଳ ଦୀପ୍ତିରେ ସମସ୍ତଙ୍କର ଆଖି ଝଲସି ଏଠିଲା ।

ଉଧୁସୂଦନ କଲିକତାରେ ଓକିଲାତି କରି ବହୁତ ଧନ ରୋଜଗାର କଲେ । ସେ ଘରୋଇ ଭାବରେ ଶିକ୍ଷକତା କରି ମଧ ବାହୁତ ଟଙ୍କା ଏପାର୍ଜନ କରୁଠିଥିଲେ ।

ଏହି ସମୟରେ ନେତାଜୀ ସୁବାଷ ବୋଷଙ୍କ ବାପା ଜାନକୀ ବାବୁ ଓ ବଙ୍ଗଳାର ପ୍ରତି ବଙ୍ଗାଳୀର ପ୍ରାଣପୂଜ୍ୟ ଆଶୁତୋଷ ମୁଖାର୍ଜି ମଧୁସୂଦନଙ୍କ ପାଖରେ ପାଠ ପଢୁଥିଲେ । ଏ ଦୁହେଁ ମଧୁସୂଦନଙ୍କୁ ଆନ୍ତରିକ ଭକ୍ତି କରୁଥିଲେ ଓ ତାଙ୍କର ଅତମ୍ପି ପ୍ରିୟ ଛାତ୍ର ଥିଲେ ।

ମଧୁସୂଦନ ଏହି ସମୟରେ ଇଂରାଜିରେ ଖଣ୍ଡିଏ ବ୍ୟାକରଣ ବହି ଲେଖିଥିଲେ । ଭ ।ରତର କୋଣସି ଲୋକ ସେତେବେଳକୁ ଇଂରାଜୀ ବହି ଲେଖି ନଥିଲେ । ମଧୁସୂଦନ ପ୍ରଥମେ ଇଂରାଜୀରେ ବହି ଖଣ୍ଡ ଲେଖିବା ଦ୍ୱାରା ଦେଶ ବିଦେଶରେ ଏପରିକି ବିଲାତରେ ମଧ ତାଙ୍କ ନାଁ ଲୋକେ ଜାଣିଗଲେ ।

ମଧୁସୂଦନ ଲେଖିଥିବା ଇଂରାଜୀ ବ୍ୟାକରଣ ଏ ପରି ଏପାଦେୟ ହୋଇଥିଲା ଯେ , ସେ ବହି ଯେଉଁମାନେ ପଢିଲେ, ସେମାନେ ଇଂରାଜୀରେ ବଡ ପଣ୍ଡିତ ବୋଲି ଗଣା ହୋଇଥିଲେ ।

ମଧୁସୂଦନ ଯେପରି ରୋଜଗାର କରୁଥିଲେ , ସେହିପରି ପରର ହିତ ଓ ମଙ୍ଗଳ ପାଇଁ ଖର୍ଚ୍ଚ କରୁଥିଲେ । ସେ କଲିକତାରେ ଓଡିଆ ଶ୍ରମିକମାନଙ୍କର ଦୁଃଖ ଦୁର୍ଦ୍ଦଶା ଦେଖି ବଡ ବ୍ୟଥିତ ହୋଇଥିଲେ । ସେମାନଙ୍କର ସୁଖ ଓ ସୁବିଧାପାଇଁ ପ୍ରାଣପ୍ରଣେ ଚେଷ୍ଟା କରୁଥିଲେ । ସେ ବଙ୍ଗଳାର

odishatimes.net

ବହୁ ସ୍ଥାନରେ ନିଜ ଅର୍ଥ ବ୍ୟୟ କରି ନିରକ୍ଷର ଶ୍ରମିକ ମାନଙ୍କ ପାଇଁ ରାତ୍ରିରେ ପାଠ ପଢିବା ଉଦ୍ଦେଶ୍ୟରେ ରାତ୍ରି ପାଠଶାଳା ବା 'ନୈଶ ବିଦ୍ୟାଳୟ' ବସାଇଥିଲେ ।

## ମଧୁବାବୁ ଓ ପତ୍ନୀ ସୌଦାମିନୀ ଦେବୀ

ମଧୁବାବୁ ଏମ୍.ଏ. ପାସ୍ କରିବା ପରେ ବଙ୍ଗଦେଶରେ ସୌଦାମିନୀ ନାମରେ ଜଣେ ଶିକ୍ଷିତା ଝିଅଙ୍କୁ ବିବାହକରିଥିଲେ । ମାତ୍ର ପାଞ୍ଚୋଟି ବର୍ଷ ପରେ ସୌଦାମିନୀ ହଠାତ୍ ଏକ ଅସାଧ ରୋଗରେ ପଡି ଇହ ସଂସାର ଛାଡି ଆର ପାରିକୁ ଚାଲିଗଲେ । କଲସୀରୁ ପାଣି ଆଣୁ ଆଣୁ ସେହିଠାରେ ଟଳିପଡି ତାଙ୍କର ପ୍ରାଣବାୟୁ ଉଡିଗଲା ।

ସୌଦାମିନୀ ପ୍ରକୃତରେ ଥିଲେ ସୌଦାମିନୀ । ସୌଦାମିନୀ ଯେମିତି କ୍ଷଣକପାଇଁ ମେଘ କୋଳରେ ଝଟକି ଉଠି ପୁଣି ଉଭେଇ ଯାଏ , ତାଙ୍କର ଅବସ୍ଥା ଠିକ୍ ସେହିପରି ହେଲା । ମଧୁବାବୁ ତାଙ୍କ ରୂପ ଗୁଣକୁ ଭାବି କେତେଦିନ ପର୍ଯ୍ୟନ୍ତ ଅଧୀର ହୋଇ ପଡିଲେ । ତା 'ପରେ ନିଜର ମନୋବଳ ଓ କର୍ତ୍ତବ୍ୟନିଷ୍ଠା ତାଙ୍କୁ ପୁଣି ଜ୍ଞାନ ଚେତନରେ ମଗ୍ନ କରି ରଖିଲା ।

ଏହାପରେ ତାଙ୍କୁ ଆଉ ଗୋଟିଏ ଘଟଣା ଭାରି ବାଧିଲା । ତାଙ୍କର ଅତି ପ୍ରିୟବନ୍ଧୁ ଅମ୍ବିକାପ୍ରସାଦ ହାଜରା ଆରପାରିକୁ ବାଟ କାଟିଲେ । ତାଙ୍କ ପରିବାରର ସେ ଥିଲେ ଏକ ମାତ୍ର ପୋଷଣହାରୀ । ସେ ତାଙ୍କର ସ୍ତ୍ରୀ, ଦୁଇ ପୁଅ ଝିଅଙ୍କୁ ନିରାଶ୍ରୟ ଓ ଅନାଥ କରି ଚାଲିଗଲେ ସେପୁରକୁ । ମଧୁସୂଦନ ନିରାଶ୍ରୟ ଅବସ୍ଥାରେ ସେ ପରିବାରକୁ ଛାଡି ପାରିଲେ ନାହିଁ । ତାଙ୍କର ସମସ୍ତ ସଦସ୍ୟଙ୍କୁ ଘେନି ସେ କଟକ ଆସିଲେ । ସେମାନଙ୍କୁ ମଧ ନିଜ ଘରେ ରଖାଇ ସମସ୍ତ ସୁବିଧା କରିଦେଲେ । ତାଙ୍କର ଦୁଇ ପୁଅକୁ ବିଲାତ ପଠାଇ ବହୁତ ପଢାଇଲେ । ଦୁଇ ଝିଅଙ୍କୁ ମଧ ନିଜ ଝିଅ ପରି ଉଚ୍ଚଶିକ୍ଷା ଦେଲେ ।

## ମଧୁବାବୁଙ୍କ ଓଡିଶା ଆଗମନ

orissatimes.net

ମଧୁଶୁଦନ ଓଡିଶାକୁ ଫେରିଲେ । କଟକରେ ରହି ଓକିଲାତି କରିବା ଆରମ୍ଭ କଲେ । ବଙ୍ଗଳାରେ ଥିବାବେଳେ ଓକିଲାତିରେ ସେ ଖୁବ ନାଁ କରିଥିଲେ । କଟକରେ ମଧ୍ୟ ଅଳ୍ପ କେଇଟା ଦିନ ମଧ୍ୟରେ ଚାରିଆଡେ ତାଙ୍କର ନାଁ ଚହଳ ପଡିଲା ।

ସେ ଖୁବ୍ ବଡ ବଡ ଜଟିଳ ମହକଦ୍ଦମାରେ ଓକିଲାତି କରି ଜୟୀ ହେଲେ । ହଜାର ହଜାର ଟଙ୍କା ରୋଜଗାର ମଧ୍ୟ କଲେ । ଉତ୍କଳର ପୁରପଲ୍ଲୀ ଠାରେ ଆରମ୍ଭ କରି ସହର ପର୍ଯ୍ୟନ୍ତ କଥା ଶୁଣାଗଲା । ଅମ୍ବିକା ପ୍ରସାଦ ହାଜରାଙ୍କ ବଡ ଝିଅ ନାଁ ଶୈଳବାଳା ହାଜରା । ଆଜି ମଧୁବାବୁ ବାସଭବନ ତାଙ୍କର ନାଁ ଅନୁସାରେ ଶୈଳବାଳା କଲେଜ ହୋଇଅଛି । ମଧୁବାବୁ ଶୈଳବାଳାଙ୍କୁ ନିଜର ବଡଝିଅ ପରି ଦେଖୁଥିଲେ ।

ମଧୁବାବୁ ସମସ୍ତଙ୍କର ଅତି ପ୍ରିୟ । ତାଙ୍କୁ କେହି ଭୁଲିନାହିଁ କି ଭୁଲି ପାରେବ ନାହିଁ । ଗାଁ ଦାଣ୍ଡରେ ଧୂଳି ଖେଳୁ ଖେଳୁ ଧୂଳି ଧୂସର ଗେଲବସର ପିଲାଏ ମଧ୍ୟ ମଧୁ ବାବୁଙ୍କ ନାଁରେ ଗୀତ ଗାଇଲେ :-

"ପାଠ ପଢିବିରେ ପାଠ ପଢିବି

ମଧୁବାବୁ ସଙ୍ଗେ ଲଢିବି

କାଳୀଆ ଘୋଡାରେ ଚଢିବି"

ଓଡିଶା ଚିନ୍ତାରେ ମଧୁବାବୁ

ମଧୁବାବ ହେଲେ ଉତ୍କଳ ମାଆର ଗୌରବ – ସନ୍ତାନ । ତାଙ୍କୁ ବୁଦ୍ଧି ଓ ଚତୁରତାରେ ଜିତିବାକୁ ଆଉ କେହି ପୁଅ ନଥିଲେ । ସେତେବେଳର କମିଶନର ସାହେବ ମଧୁବାବୁଙ୍କ ବୁଦ୍ଧି ଓ ଚତୁରତାକୁ ଧନ୍ୟ ଧନ୍ୟ କଲେ ।

ଏମିତି ଦୁଇବର୍ଷ ବିତିଗଲା । ଉତ୍କଳ ମାତାର କରୁଣ ଡାକ ମଧୁସୂଦନଙ୍କ କାନରେ ବାଜିଲା । ମାଆର ବ୍ୟଥା ତାଙ୍କର ଅନ୍ତରକୁ ଦୋହଲାଇ ଦେଲା । ସେ ସ୍ଥିର ହୋଇ ରହିପାରିଲେ ନାହିଁ । ଯୁଆଡେ

orissatimes.net

ଚାହିଁଲେ ତାଙ୍କୁ ଦିଶିଲା ଉତ୍କଳ ମାତାର ରୁକ୍ଷ ବେଶ । ଯୁଆଡେ କାନ ପାତିଲେ ତାଙ୍କୁ ଖାଲି ଶୁଣିଲା ମା’ ର କରୁଣ ବିଳାପ ।

ଓଡିଆର ସ୍ୱାତନ୍ତ୍ର୍ୟକ ନାହିଁ । ଉତ୍କଳ ମାତାର ପୂର୍ଣ୍ଣ ଅବୟବ ନାହିଁ । ତାଙ୍କ ବିକଳାଙ୍ଗ ରୂପ ଦେଖି ମଧୁସୂଦନଙ୍କର ପ୍ରାଣ କାନ୍ଦି ଉଠିଲା । ଓଡିଆ ଜାତିର ଦୁର୍ଦ୍ଦଶାରେ ତାଙ୍କର ଦାମ୍ଭିକ ହୃଦୟ ତରଳିଗଲା । ସେ ଦେଖିଲେ ସ୍କୁଲ୍ କଚେରି ସବୁଠାରେ ବଙ୍ଗଳାଭାଷାର ପ୍ରଭାବ ରହିଛି ।

ଓଡିଶା ଓ ଓଡିଆ ଭାଷା ସବୁଠାରେ ହୀନିମାନ ହୋଇ ରହିଛି । ଏକଥା ସେ ସହିପାରିଲେ ନାହିଁ । ବହୁତ ଓଡିଆ ଅଞ୍ଚଳ ବଙ୍ଗ ଦେଶରେ , ବିହାରରେ, ମଧ୍ୟପ୍ରଦେଶରେ ଓ ମାନ୍ଦ୍ରାଜରେ ଯାଇ ମିଶି ଯାଇଛି । ଏହି ସବୁ ରାଜ୍ୟର ଦୟାର ପାତ୍ର ହୋଇ ଓଡିଆ ଜାତି ସେମାନଙ୍କର ହାତକୁ ଚାହିଁ ରହିଛି । ଓଡିଶିର ବହୁଲୋକ ପେଟପୂରା ଖଣ୍ଡିଏ ଖାଇବାକୁ ଓ ଭଲକର ଖଣ୍ଡିଏ ପିନ୍ଧିବାକୁ ପାଉନାହାନ୍ତି । ପାଠପଢା ତ ଦୂରର କଥା । ଅକ୍ଷର ଚହ୍ନିବା ମଧ ଗାଁ ଲୋକଙ୍କ ଭାଗ୍ୟରେ ବି ଜୁଟୁ ନାହିଁ । ଏସବୁ ଦେଖି ମଧୁବାବୁଙ୍କ ଆଖିରୁ ଲୁହ ଧାର ଧାର ହୋଇ ବହିଗଲା । ମଧୁସୂଦନ କଟକରେ ଓକିଲାତି କରିବ ସଙ୍ଗେ ସଙ୍ଗେ କିପରି ଦେଶର ଏ ଦୁର୍ଦ୍ଦଶା ଦୂର ହେବ , ସଥିପାଇଁ ପ୍ରାଣ ପଣେ ଲାଗି ପଡିଲେ । ସେ ଭାବିଲେ, ବମୋ ମାଆ ଆଜି କାନ୍ଦୁଛି । ମାଆ ଆଖିରୁ ଲୁହ ପୋଛିବା ସନ୍ତାନର କର୍ତ୍ତବ୍ୟ । ଏହା ଭାବି ମାଧୁାବାବୁ ମନକୁ ଦୃଢ଼ କଲେ ।

ଓକିଲାତିରେ ମଧୁବାବୁଙ୍କ ନାଁ ଦେଶ ବିଦେଶରେ ବିଖ୍ୟାତ ହୋଇ ଯାଇଥିଲା ।ଏଥର ସେ ଦେଶର , ଜାତିର ମଙ୍ଗଳ କାର୍ଯ୍ୟରେ ଲାଗି ପଡିଲେ । ପ୍ରଜା ଓ ଗରିବ ଚାଷୀ କିପରି ଜମିର ମାଲିକ ହେବେ , କେମିତି ବେଠି ବେଗାରି ଉଠିବ , ଜମିଦାରଙ୍କ ଅତ୍ୟାଚାରରୁ ପ୍ରଜା ରକ୍ଷା ପାଇବେ , ଏହ ଚିନ୍ତାରେ ସେ ବ୍ୟସ୍ତ ରହିଲେ । ଏଥିପାଇଁ ସରକାରଙ୍କୁ ଜଣାଇ ତା’ର ପ୍ରତିକାର କରିବା ପାଇଁ ଗୁହାରି କଲେ ।

ଗ୍ରାମେ ଗ୍ରାମେ ମଧୁବାବୁଙ୍ଯକ ଚେଷ୍ଟାରେ କୃଷକ ସଭା ଗଢ଼ା ହେଲା । ମଧୁବାବୁ ସବୁରି ହୃଦୟ ଆସନରେ ବସି ପୂଜା ପାଇଲେ । ପ୍ରଜା ଓ କୃଷକମାନେ ମଧୁବାବୁଙ୍କୁ ତାଙ୍କର ପୋରମ ବନ୍ଧୁ ବୋଲି ପଦ୍ମମାଲ୍ୟ ଅର୍ପଣ କଲେ ।

orissatimes.net

ଆଜି ଯେଉଁ ଗ୍ରାମଗୋଷ୍ଠୀ ଯୋଜନା , କିଷାନ ମଜଦୁର ସଭା , ଜମିଦାରୀ ଉଚ୍ଛେଦ ଆଦି ନୂଆ ନୂଆ ରୂପ ଲୋକଚକ୍ଷୁରେ ଦେଖା ଦେଇଛି, ତା'ର ଜନ୍ମଦାତା ଏହି "ଉତ୍କଳ ଗୌରବ ମଧୁସୂଦନ"

କଥାରେ କହନ୍ତି, 'ଗୁଣ ଯେଉଁଠି, ଖୁଣ ସେଇଠି' । ମଧୁସୂଦନଙ୍କର ସବୁଦିନେ ରୋଗ ଲାଗି ରହିଥିଲା । ସେଥିପାଇଁ ସେ ସବୁଦିନେ ଅତି ସାବଧାନରେ ଚଳନ୍ତି ।

ଢ଼ିଙ୍କିକୁଟା ଚାଉଳରେ ଭାତ ଆଉ ଅମୃତଭଣ୍ଡା ସିଝା ଛଡା ସେ ଅନ୍ୟ କିଛି ଭୋଜନ କରୁ ନଥିଲେ । ସାଗୁ ବାର୍ଲି ଖାଇ ତାଙ୍କର ଅଧିକାଂଶ ଦିନ ବିତୁଥିଲା । ସବୁଦିନେ ତାଙ୍କ ଘୋରକୁ ଡ଼ାକ୍ତର , କବିରାଜମାନେ ଆସୁଥାନ୍ତି ।

୧୮୯୭ ମସିହାର କଥା । ସେତେବେଳେ ମଧୁସୂଦନ ଓକିଲାତି ଓ ଦେଶର କଲ୍ୟାଣପାଇଁ ନାନା କାର୍ଯ୍ୟରେ ବ୍ୟସ୍ତ ଥାଆନ୍ତି । ଟଙ୍କା ପଇସାର ଅଭାବ ନଥାଏ । ତାଙ୍କ ଦୁଆରକୁ ସବୁବେଳେ ଟଙ୍କାର ସୁଅ ଛୁଟୁଥାଏ । ସେ ଏହି ସମୟରେ ଏକ ମହାରୋଗରେ ପଡିଲେ । ପେଟ ଭିତରେ ଏକ ବିଷମ ବଥ ହେଲା । ଡାକ୍ତର କବିରାଜଙ୍କ ବୁଦ୍ଧି ବଣା ହେଲା ।

ସମସ୍ତେ କହିଲେ, ଏ ରୋଗ ସହଜ ନୁହେଁ । ଏହି ରୋଗକୁ ଭଲ କରିବାକୁ ବିଲାତରେ ବଡ ବଡ ଡ଼ାକ୍ତର ଅଛନ୍ତି । ମଧୁବାବୁ ବିଲାତ ଗଲେ । ସେତେବେଳକୁ ଓଡିଆ କେହି ବିଲାତ ଯାଇ ନଥିଲେ । ସେଠାରେ ଈଶ୍ୱରଙ୍କ ଦୟାରୁ ସେ ରୋଗ ଦାଉରୁ ରକ୍ଷା ପାଇଲେ । ସେ ସୁସ୍ଥ ହୋଇ ବିଲାତର ଧନ ଦଉଲତ, ସେଠାକାର ଲୋକଙ୍କ ଚାଲିଚଳନ, ଶିଳ୍ପ ବାଣିଜ୍ୟ ବୁଲି ଦେଖିଲେ ।

ସେତେବେଳେ ମଧୁବାବୁଙ୍କର ମନେ ପଡି ଯାଉଥାଏ , ନିଜ ଜନ୍ମଭୂମିର ଦୁଃଖ ଦୁର୍ଦ୍ଦଶା । ତାଙ୍କ ଆଖି ଦୁଇଟିରେ ପୂରି ଯାଉଥାଏ ଅଶ୍ରୁ । ମନରେ ଭାବୁଥାନ୍ତି କିପରି ଓଡିଶାକୁ ଏକ ଧନଶାଳୀ ପ୍ର ଦେଶରେ ପରିଣତ କରିବେ ।

ମଧୁବାବୁ ବିଲାତରୁ ଫେରିଲେ । ମନରେ ଭାବିଲେ, ଯେଉଁ କଳାବିଦ୍ୟାରେ ପୃଥିବୀକୁ ଚମକାଇ ମୋ ଜନ୍ମଭୂମିର ନାମ ଉତ୍କଳ ହୋଇଛି, ସେ ଆଜି ଏଡେ ବିକଳ କାହିଁକି ?

orisatimes.net

ସେ ଉତ୍କଳର ଶିଳ୍ପ କାରିଗରି ଉନ୍ନତ କରିବାକୁ ସ୍ଥିର କଲେ । ସେଥିପାଇଁ ମନେ ମନେ କେତେ କଳ୍ପନା କରି ନାନା ଦିଗରୁ ତା 'ର ଆୟୋଜନ କରାଇଲେ । ଏହି ଆୟଜୋନ ଏକ ବିରାଟ ଆକାର ଧାରଣ କଲା । ଶହ ଶହ କାରିଗର ପ୍ରତିଦିନ ସୁନ୍ଦର ସୁନା ରୂପାର ତାରକସି କାମ କଲେ । ଚମଡା ଜୋତା, ଥଳି ଓ ନାନାପ୍ରକାର ସୁନ୍ଦର ଜିନିଷ ତିଆରି ହେଲା । ଏହି କାରିଦରିର ପ୍ରଶଂସା ଭାରତ ବାହାରେ ସୁଦୂର ବିଲାତ ଆମେରିକାରେ ମଧ୍ୟ ବ୍ୟାପି ଯାଇଥିଲା । ଏହି ଚମଡାର ବିରାଟ କାରଖାନାର ନାମ ଥିଲା "ଉତ୍କଳ ଟାନେରୀ " ଓ ତାରକସି କାରଖାନାର ନାମ ଥିଲା "ଉତ୍କଳ ସୂକ୍ଷ୍ମକଳା ଭବନ" ।

ମଧୁସୂଦନଙ୍କୁ ପୁଣି ୧୯୦୭ ମସିହାରେ ଆଉ ଥରେ ବିଲାତ ଯିବାକୁ ପଡିଥିଲା । ସେ ଏଥର ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଢିବା ପାଇଁ ପାର୍ଲିମେଣ୍ଟ ସଭାରେ ଆପତ୍ତି କରିବାକୁ ଯାଇଥିଲେ ।

## ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶ

୧୯୩୬ ମସିହାରେ ଓଡିଶା ପ୍ରଦେଶ ସ୍ୱତନ୍ତ୍ର ହେଲା । ସେତେବେଳେକୁ ମଧୁସୂଦନଙ୍କ ଜୀବନ-ଦୀପ ଦୁଇ ବର୍ଷ ଆଗରୁ ଲିଭିଯାଇଥିଲା । ମାତ୍ର ଓଡିଶା ସ୍ୱତନ୍ତ୍ର ହେବାର ମୂଳଦୁଆ ପକାଇଥିଲେ ମଧୁସୂଦନ । ସେ ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀରେ ଗଠନ କରି ଦେଶ ମିଶ୍ରଣ ଓ ଓଡିଶା ସ୍ୱତନ୍ତ୍ର ହେବାର ପ୍ରଚାର ପୁର ପଲ୍ଲୀ ଠାରୁ ଆରମ୍ଭ କରି ସହର ସଭ୍ୟତା ପର୍ଯନ୍ତ ସବୁଠାରେ ପହଞ୍ଚାଇଥିଲେ । ଏହି ଉତ୍କଳ ସମ୍ମିଳନୀ ପ୍ରଥମ ଅଧିବେସନ ୧୯୦୩ ମସିହାରେ ଡିସେମ୍ବର ମାସ ତେର ତାରିଖରେ କଟକର ଇଦଗା ପଡିଆରେ ବସିଥିଲା । ସେଥିରେ ସଭାପତି ହୋଇଥିଲେ , ସେତେବେଳର ମାୟୁରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ରଭଞ୍ଜ ଦେବ ।

ଏହି ସମୟରେ ଇଂରେଜ ସରକାର ମଧୁବାବୁଙ୍କ ଗୁଣରେ ମୁଗ୍ଧନ ହୋଇ ତାଙ୍କୁ ସି.ଆଇ.ଇ. ଉପାଧିରେ ଭୂଷିତ କରିଥିଲେ ।

ବର୍ଷକୁ ବର୍ଷ ଓଡିଶାର ଏଣେ ତେଣେ ଏହି ସମ୍ମିଳନୀ ବସିଲା । ଚାରିଆଡେ ଦେଶ ମିଶ୍ରଣ ଆନ୍ଦୋଳନ ଚାଲିଲା । ଉତ୍କଳର ରାଜା ମହାରାଜା, ଧନୀ ଦରିଦ୍ର ଦେଶର ସମସ୍ତେ ଏକ ପ୍ରାଣ ହୋଇ

ଏହି ଅଭିଯାନ ଚଳାଇଲେ । ଅଭିଯାନର ସେନାପତି ହେଲେ ମଧୁସୂଦନ ( Madhusudan Das) । କୋଟିଏ ଉତ୍କଳ ସନ୍ତାନଙ୍କର କଣ୍ଠରୁ ଗୀତ ସ୍ଫୁରି ଉଠିଲା- "ବନ୍ଦେ ଉତ୍କଳ ଜନନୀ- ଚାରୁହାସମୟୀ, ଚାରୁଭାଷମୟୀ ଜନନୀ, ଜନନୀ,ଜନନୀ ।"

୧୯୧୭ ମସିହାରେ ମଧୁସୂଦନ 'ଦ ଓଡିଆ' ନାମରେ ଖଣ୍ଡିଏ ଇଂରାଜୀ ସମ୍ବାଦପତ୍ର ପ୍ରକାଶ କଲେ । ସେଥିରେ କେବଳ ଓଡିଆ ଜାତିର ଦାବି ଓ ଅଧିକାର ସମ୍ବନ୍ଧରେ ନିଜେ ନାନା କଥା ଲେଖି ସମସ୍ତଙ୍କୁ ଜଣାଇଲେ ।

ସେ ଉତ୍କଳର ଦେଶମିଶ୍ରଣ ଓ ଓଡିଶାରେ ଶୀଳ୍ପକଳାର ଉନ୍ନତି ଲାଗି ନିଜର ସମସ୍ତ ସ୍ୱାର୍ଥ ବଳି ଦେଇଥିଲେ । ସେଥିପାଇଁ ମଧୁବାବୁ ସର୍ବସ୍ୱାନ୍ତ ହୋଇଥିଲେ । ସେ କହୁଥିଲେ ଜାତିର ଉନ୍ନତି ହିଁ ମାଆର ସମ୍ମାନ ।

ଦେଶମିଶ୍ରଣ ଆନ୍ଦୋଳନରେ ମଧୂବାବୁଙ୍କର ପ୍ରଧାନ ସହାୟକ ଥିଲେ – ପାରଳାର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓ , ପଣ୍ଡିତ ଶ୍ରୀ ଗୋଦାବରୀଶ ମିଶ୍ର , ଶ୍ରୀ ମୁକୁନ୍ଦପ୍ରସାଦ ଦାସ , ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ , ଶ୍ରୀ ଲକ୍ଷ୍ମିଧର ମହାନ୍ତି , ଶ୍ରୀ ଚିନ୍ତାମଣି ଆଚାର୍ଯ୍ୟ ଓ ଭିକାରୀଚରଣ ପଟ୍ଟନାୟକ ।

୧୯୨୧ ମସିହା ଏହି ସମୟରେ ଭାରତର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ମଡି ଆସିଲା ଏକ ପ୍ଲାବନ । ୧୯୨୧ ମସିହାର କଥା । ମହାତ୍ମା ଗାନ୍ଧିଙ୍କର ଅସହଯୋଗ ଅନ୍ଦୋଳନ ଭାରତକୁ ଚହଲାଇ ପୃଥିବୀରେ ଚମକ ଆଣିଲା ।

ସେତେବେଳକୁ ୧୯୧୨ ମସିହାରୁ ଓଡିଶା ବଙ୍ଗର ଆସି ବିହାର ସହିତ ମିଶି ସାରିଥାଏ । ଏତିକିବେଳେ ଇଂରେଜ ସରକାର ମଧୁବାବୁଙ୍କୁ ବିହାର-ଓଡିଶା ପ୍ରଦେଶର ମନ୍ତ୍ରୀପଦ ଦେଲେ । ମଧୁଶୂଦନ ଜନ୍ମଭୂମିର କିଛି ମଙ୍ଗଳ କରିପାରିବେ ଭାବି ଏହି ଗୁରୁ ଦିୟିତଦ୍‌ଗ୍ରହଣ କଲେ ।

ସେ ମନ୍ତ୍ରୀ ଥିବାସମୟରେ ସ୍ୱାୟତ୍ତ ଶାସନ ଆଇନ ଶଂଶୋଧନ କରି ଲୋକଙ୍କର ବହୁ ଉପକାର କଲେ । ତାଙ୍କ ଆଇନ ବଳରେ ଲୋକାଲବୋର୍ଡ ଓ ମ୍ୟୁନିସିପାଲିଟିକୁ ଚଳାଇବା ଭାର ସାଧାରଣ

orissatimes.net

ଲୋକଙ୍କ ହାତକୁ ଆସିଲା । ଆଗରୁ ନିଜେ ମାଜିଷ୍ଟ୍ରେଟ ଥାଇ ଏସବୁ ବିଭାଗର ପରିଚାଳନା କରୁଥିଲେ ।

ମଧୁସୂଦନ ସରକାରୀ ମନ୍ତ୍ରୀ ଥାଇ ସବୁବେଳେ ସରକାରଙ୍କ ଅନ୍ୟାୟ ନୀତିର ବିରୋଧ କରୁଥିଲେ । ତାଙ୍କ କଥା ମ ରହିଲେ ସେ ସଭାରୁ ଉଠି ଆସୁଥିଲେ ।

୧୯୨୨ ମସିହରେ ମଧୁସୂଦନ ( Madhusudan Das) ସରକାରଙ୍କୁ ପ୍ରସ୍ତାବ ଦେଲେ ଯେ , ମନ୍ତ୍ରୀମାନେ ବିନା ଦରମାରେ କାର୍ଯ୍ୟ କରିବା ଉଚିତ । ସକୋର ଏଥିରେ ରାଜି ହେଲେ ନାହିଁ । ମଧୁସୂଦନ ଏଥିପାଇଁ ମନ୍ତ୍ରୀପଦରୁ ଇସ୍ତଫା ଦେଇଦେଲେ ।

ଏ ଖବର ସାରା ଭାରତରେ ଖେଳିଗଲା । ଯେ ଶୁଣିଲା ସେ ମଧୁବାବୁଙ୍କର ପ୍ରଶଂସା କଲା । ନିଜର କଥାକୁ ମଧୁସୂଦନ (Madhusudan Das)ସବୁବେଳେ ବଜାୟ ରଖୁଥିଲେ । ସେ ନିଜର ବିବେକ ଓ ବୁଦ୍ଧି ଖଟାଇ କାର୍ଯ୍ୟ କରୁଥିଲେ ।

## ଜାତିପ୍ରାଣଧାର ମଧୁବାବୁ

**"ମୁଁ ପାଠ ପଢିବି ମୁଁ ପାଠ ପଢିବି**

**କାଳିଆ ଘୋଡାରେ ଚଢିବି**

**ବାରିଷ୍ଟର ସଙ୍ଗେ ଲଢିବି ।"**

ଗାଁ ଗହଳରୁଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସମସ୍ତଙ୍କ ମୁହଁରେ ଏଇ ଗୋଟିଏ କଥା । ହେଲେ ସେହି 'ମାଧୁବାବୁ'କିଏ, ତାଙ୍କର ପରିଚୟ କ'ଣ ? ଏମିତି ଅନେକ ପ୍ରଶ୍ନ ମନକୁ ଆସେ ।

ସେହି ମଧୁବାବୁଙ୍କ ପୂରାନାମ ହେଉଛି ମଧୁସୂଦନ ଦାସ । ଆମ ଓଡିଶା ମାଟିର ସୁଯୋଗ୍ୟ ସନ୍ତାନ ସେ । ଯାହାଙ୍କର ଚେଷ୍ଟାରେ ଆମର ଔଡିଆ ଜାତି ଜାଗ୍ରତ ହେଲା । ଅତୀତର ହରାଇଥିବା ଗୌରବ ଓ ସମ୍ପଦକୁ ଫେରି ପାଇବାକୁ ଅଣ୍ଟା ଭିଡିଲା ।

orissatimes.net

ଏହି ଓଡିଶା ଦିନେ ଗଙ୍ଗାଠାରୁ ଗୋ।।ବରୀ ଯାଏ ଲମ୍ବିଥିଲା । ପରବର୍ତ୍ତୀ ମୁହୂର୍ତ୍ତରେ ତାହା ଖଣ୍ଡ ଖଣ୍ଡ ହୋଇ ଭିନ୍ନ ଭିନ୍ନ ପ୍ରଦେଶରେ ଯୋଡା ହେଲା । ଓଡିଶାବାଶୀଙ୍କ ଦୁଃଖ ଦୁର୍ଦ୍ଦଶା କହିଲେ ନସରେ ।

ସେତେବେଳେ ଓଡିଶା ପ୍ରଦେଶ ସ୍ୱତନ୍ତ୍ର ନଥିଲା । କିନ୍ତୁ ମଧୁବାବୁ ( Madhusudan Das) ଓଡିଶାକୁ ସ୍ୱତନ୍ତ୍ର କରିବା ପାଇଁ ଏକ 'ଏକ୍ତଳ ସମ୍ମିଳନୀ ' ଗଢିଲେ । ଜାତିପାଇଁ ସମସ୍ତଙ୍କୁ ପ୍ରାଣ ଦେବାକୁ ଆହ୍ୱାନ ଦେଲେ । ସମସ୍ତ ଓଡିଆ ଅଞ୍ଚଳକୁ ମିଶାଇ ଓଡିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ମାନ୍ୟତା ଦେବା ପାଇଁ ଡାକରା ଦେଲେ ।

ମଧୁବାବୁଙ୍କର ସତଚେଷ୍ଟା ଓ ଓଡିଶାବାଶୀଙ୍କ ସହେଯାଗରେ ୧୯୩୬ ମସିହା ଅପ୍ରେଲ ପହିଲାରେ ଓଡିଶା ପ୍ରଦେଶ ଗଢାଗଲା । ଏଥିରେ ଲର୍ଡ କର୍ଜନଙ୍କ ଭୂମିକା ଅତୁଳନୀୟ ।

ମାଧୁବାବୁ ଓଡିଶା ପ୍ରଦେଶକୁ ଶିଳ୍ପସମଦ୍ଧ ଓ ଧନଶାଳୀ କରିବା ପାଇଁ ଓଡିଶାର ଶିଳ୍ପୀମାନଙ୍କୁ ଉତ୍ସାହ କଲେ । ଜାତିର ଦୁର୍ଦ୍ଦଶାକୁ ଦୂର କରିବା ପାଇଁସେ ପ୍ରାଣପଣେ ଚେଷ୍ଟା କରିଥିଲେ । ଏଥିପାଇଁ ମଧୁବାବୁ ଓଡିଆ ଜାତି ପାଖରେ ସବୁଦିନ ପାଇଁ ଚିର ସ୍ମରଣୀୟ ହୋଇଛନ୍ତି । ଏ ଓଡିଆ ଜାତି ବଞ୍ôଚଥିବାଯାଏ କେବେବି ମଧୂବାବୁଙ୍କୁ ଭୁଲିଯିବ ନାହିଁ । ଓଡିଶାର ଇତିହାସ କହିଲେ ଆମେ ସାଧାରଣତଃ ପ୍ରଥମେ ମଧୁବାବୁଙ୍କୁ ହି ବୁଝିଥାଉ ।

ମଧୁବାବୁଙ୍କ ଶେଷଯାତ୍ରା

୧୯୩୪ ମସିହା । ମଧୁବାବୁ କ୍ରମେ ଶକ୍ତିହୀନ ହୋଇ ପଡିଲେ । ତାଙ୍କର ଜୀବନ-ଦୀପ ଲିଭି ଆସୁଥିଲା । ସେ ଦିନ ବେଳା ଘର ଭିତରେ ଧୀରେ ଧୀରେ ବୁଲୁଥିଲେ । ତାଙ୍କୁ ସାହାଯ୍ୟ କରିବା ପାଇଁ ତାଙ୍କ କଡେ କଡେ କେତେକ ବନ୍ଧୁ ମଧ ରହୁଥିଲେ । ସେ ହଠାତ କହି ପକାଇଲେ , "ଆଉ ପନ୍ଦର ଦିନ ପରେ ମୋର ହାଟ ସରିଯିବ ।"

ସତକୁ ସତ ପନ୍ଦର ଦିନ ବିତିଗଲା । ରାତି ପାହି ସକାଳ ହେଲା । ସେ ିନ ଥାଏ ଫେବୃଆରୀ ମାସ ତିନି ତାରିଖ । ସୂର୍ଯ୍ୟ ଉଦୟ ହେଲେ । ସୂର୍ଯ୍ୟଙ୍କର ସବୁଦୁନିଆ ଅପୂର୍ବ ସୁନେଲି ହସ ସତେ କି ସେଦିନ ମଳିନ ହୋଇ ଯାଇଛି । ଚାରିଆଡେ କୁହୁଡି ଘୋଟି ରହିଛି । ଉତ୍କଳର ହସ ହସ ପ୍ରକୃତି

orissalimes.net

ସତେକି ବିଷାଦମୟୀ ହୋଇ  ଉଭା ହୋଇଛି । କ୍ରମେ ସେଦିନର ବିଷର୍ଣ୍ଣ ଦିବକାର ଅସ୍ତ ହେଲେ । ଅନ୍ଧକାର ସହିତ ବିଷାଦକାଳିମା ମିଶିଯାଇ ଦୁଇଗୁଣ ଅନ୍ଧାର ଘୋଟିଗଲା । ଠିକ୍ ରାତି ବାରଟା ପ୍ରାୟ ।  ମଧୁସୂଦନଙ୍କର ଅମର ଆତ୍ମା ସବୁଦିନ ପାଇଁ  ଆରପାରିକୁ ଚାଲିଗଲା । ଏହି ନିଦାରୁଣ ସମ୍ବାଦ ଚାହୁଁ ଚାହୁଁ ଚାରିଆଡେ ଖେଳିଗଲା । ସମସ୍ତଙ୍କ ମୁହଁରୁ ହାୟ  ହାୟ ଶୁଣାଗଲା । ଶେଷରେ ପୁଣ୍ୟାତ୍ମା ମଧୁସୂଦନଙ୍କ ଶବକୁ ବିରାଟ ଶୋଭାଯାତ୍ରାରେ ସଜ୍ଜିତ କରି କଟକର ତୁଳସୀପୁରସ୍ଥ ଗୋରାକବରରେ ସମାଧି ଦିଆଗଲା ।    ଜାତି ଧର୍ମ ଭେଦ ଭୁଲି ସମସ୍ତେ ତାଙ୍କୁ ଶ୍ରଦ୍ଧାପୂର୍ଣ୍ଣ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ ।  ମଧୁବାବୁ ଏ ପୁରରୁ ଚାଲି ଯାଇଛନ୍ତି ସତ- ମାତ୍ର ସେ ପ୍ରତି ଓଡିଆ ହୃଦୟରେ ଚିରଦିନ ପାଇଁ ଅମର ହୋଇ

ରହିଛନ୍ତି । ଓଡିଆ ଜାତି ତାଙ୍କୁ ସବୁଦିନ ପାଇଁ ଉତ୍କଳ ଗୌରବ ମଧୁସୂଦନ ବୋଲି କହି ନିଜର ଟେକ ଦେଖାଉଥିବ । ସେ ଆମ ହାତିର ଗର୍ବ ଓ ଗୌରବ ।

orissatimes.net